بسم الله الرحمن الرحيم

**ଖୁତ୍‌ବା ଜୁମା ୦୭ ଅକ୍ଟୋବର ୨୦୨୨ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ବୈତୁଲ୍ ଇକ୍ରାମ୍, ଏଲେନ୍ ଟେକ୍ସାସ୍, ଆମେରିକା**

**ପୂର୍ଣ୍ଣ ଆତ୍ମ ବିଶ୍ୱାସର ସହିତ ଆମମାନଙ୍କୁ ଅଲ୍ଲାଃତାଲାଙ୍କ କୃପାକୁ ସାଉଁଟି ତାଙ୍କ ଆଗରେ ନତ ମସ୍ତକ ହୋଇ ସଂସାରର ମାର୍ଗଦର୍ଶନର କାର୍ଯ୍ୟ କରିବାକୁ ହେବ ।**

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଦ୍ୱାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ ସୁରତୁଲ୍ ଆରାଫର ଆୟତ୍ ନଂ ୩୦-୩୨ର ଆବୃତ୍ତି କରି କହିଲେ; ତୁମ୍ଭେ କୁହ ଆମ୍ଭର ପାଳନକର୍ତ୍ତା ନ୍ୟାୟ ପ୍ରଦର୍ଶନ କରିବା ପାଇଁ ଆମମାନଙ୍କୁ ଆଦେଶ ଦେଇଛନ୍ତି ଯେ, ପ୍ରତ୍ୟେକ ଉପାସନା ସ୍ଥାନ ଓ ସମୟରେ ନିଜର ଧ୍ୟାନକୁ ଠିକ୍ କିରିନିଅ ଓ ଅଲ୍ଲାଃଙ୍କୁ ହିଁ ଉପାସନା ଯୋଗ୍ୟ ମନେକରି ତାହାଙ୍କୁ ଡ଼ାକ । ଯେପରି ସେ ତୁମମାନଙ୍କୁ ପ୍ରଥମେ ସୃଷ୍ଟି କରିଥିଲେ ସେହିପରି ଅବସ୍ଥାରେ ତୁମମାନଙ୍କୁ ତାହାଙ୍କ ନିକଟକୁ ଫେରିଯିବାକୁ ହେବ । ସେ ଗୋଟିଏ ଦଳକୁ ପଥ ପ୍ରଦର୍ଶନ କରିଛନ୍ତି ତ' ଅନ୍ୟ ଏକ ଦଳ ପଥଭ୍ରଷ୍ଟ ସିଦ୍ଧ ହୋଇଛି । ଅତଏବ ଏହି ପଥଭ୍ରଷ୍ଟ ଦଳ ଅଲ୍ଲାଃତାଲାଙ୍କୁ ପରିତ୍ୟାଗ କରି ସଇତାନକୁ ବନ୍ଧୁ ରୂପେ ବରଣ କରିନେଇଛନ୍ତି ଏବଂ ସେମାନେ ମନେ କରନ୍ତି ଯେ, ସେମାନଙ୍କୁ ସତ୍‌ପଥ ପ୍ରାପ୍ତ ହୋଇଛି। ହେ ଆଦମଙ୍କ ସନ୍ତାନମାନେ ! ତୁମ୍ଭେମାନେ ପ୍ରତ୍ୟେକ ଉପାସନା ସ୍ଥାନ ଓ ସମୟରେ ଭୂଷଣ ଅର୍ଥାତ ପିନ୍ଧିବା ସାମଗ୍ରୀ ଧାରଣ କର ଓ ମନକୁ ନିର୍ମଳ କର ଏବଂ ଭୋଜନ କର ଓ ପାନ କର ଏବଂ ଅପବ୍ୟୟ କର ନାହିଁ । କାରଣ ସେ ଅର୍ଥାତ ଅଲ୍ଲାଃତାଲା ଅପବ୍ୟୟକାରୀଙ୍କୁ ପସନ୍ଦ କରନ୍ତି ନାହିଁ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ ; ଆଜି ଆପଣମାନଙ୍କୁ ନିଜର ନୂତନ ମସ୍‌ଜିଦ୍ ନିର୍ମାଣ କରିବାକୁ ସାମର୍ଥ୍ୟ ପ୍ରାପ୍ତ ହୋଇଛି। ଅର୍ଥାତ ଉକ୍ତ ମସ୍‌ଜିଦର ନିର୍ମାଣ କାର୍ଯ୍ୟ କିଛି ଦିନ ପୂର୍ବେ ସମ୍ପୂର୍ଣ୍ଣ ହୋଇଥିଲା । କିନ୍ତୁ ଏହାର ପାରମ୍ପାରିକ ଶୁଭୋଦ୍‌ଘାଟନ ଆଜି ହୋଇଛି । ଯେଉଁମାନେ ଏହି ମସ୍‌ଜିଦ୍‌ର ନିର୍ମାଣ କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ ଅଲ୍ଲାଃତାଲା ସେହି ସମସ୍ତ ଲୋକମାନଙ୍କୁ ଉକ୍ତ ମସଜିଦର କର୍ତ୍ତବ୍ୟ ସମ୍ପାଦନ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଅଲ୍ଲାଃତାଲା କରନ୍ତୁ କି ଏହି ମସଜିଦର ନିର୍ମାଣ ଫଳରେ ଆପଣମାନେ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତକାରୀ ବ୍ୟକ୍ତି ମଧ୍ୟରେ ପରିଣତ ହୁଅ । ମନୁଷ୍ୟ ଅଲ୍ଲାଃତାଲାଙ୍କ ପ୍ରସନ୍ନତାକୁ ସେତେବେଳେ ପ୍ରାପ୍ତ କିରଥାଏ ଯେତେବେଳେ ସେ ଅଲ୍ଲାଃତାଲାଙ୍କ ଦ୍ୱାରା ନିର୍ଦ୍ଦେଶିତ ଆଦେଶାବଳୀ ଉପରେ ଅଗ୍ରସର ହୋଇଥାଏ, ତାହାଙ୍କର ଉପାସନା କରିଥାଏ ଏବଂ ତାହାଙ୍କ ଭକ୍ତଙ୍କର କର୍ତ୍ତବ୍ୟ ମଧ୍ୟ ସମ୍ପାଦନ କରିଥାଏ । ଆମମାନଙ୍କୁ ସର୍ବଦା ଏକଥା ସ୍ମରଣ ରଖିବା ଉଚିତ ଯେ, ହ. ମସିହ୍ ମଉଦ୍ ଅ.ସଙ୍କର ବୈଅତ୍ କରିବା ଫଳରେ ଏକ ବିରାଟ ଗୁରୁ ଦାୟିତ୍ୱ ଆମମାନଙ୍କ ଉପରେ ନ୍ୟସ୍ତ ହୋଇଯାଇଥାଏ । ଏହି ମସ୍‌ଜିଦ୍‌କୁ ଉପାସନକାରୀଙ୍କ ଦ୍ୱାରା ପରିପୂର୍ଣ୍ଣ ରଖିବା, ପାରସ୍ପାରିକ ପ୍ରେମ, ସଦଭାବନା, ସୌହାର୍ଦ୍ଦ୍ୟପୂର୍ଣ୍ଣ ଭ୍ରାତୃତ୍ୱଭାବ ପ୍ରଦର୍ଶନ କରିବା ଏବଂ ଏହିଭଳି ମନୋବୃତ୍ତି ପୋଷଣ କରିବା ଆମମାନଙ୍କର ପରମ କର୍ତ୍ତବ୍ୟ ଅଟେ । ହ. ମସିହ୍ ମଉଦ୍ ଅ.ସ କହିଲେ ଯେ, **ଯେଉଁଠି ଇସ୍‌ଲାମ ଧର୍ମର ପରିଚୟ ଦେବାର ଆବଶ୍ୟକତା ରହିଛି ସେଠାରେ ଏକ ମସ୍‌ଜିଦ୍ ଅବଶ୍ୟ ନିର୍ମାଣ କରିଦିଅ ।** ଅତଃ ଏହି ମସ୍‌ଜିଦ୍ ମାଧ୍ୟମରେ ହିଁ ସେହି ଅଞ୍ଚଳରେ ଇସଲାମ୍ ଧର୍ମର ପାରମ୍ପାରିକ ପରିଚୟ ମିଳିଯିବ ଏବଂ ତବ୍‌ଲିଗ୍‌ର ମାର୍ଗ ଫିଟିବ । କିନ୍ତୁ ପ୍ରତ୍ୟେକ ଅହେମଦିକୁ ଇସ୍‌ଲାମୀୟ ଶିକ୍ଷାକୁ ନିଜର ଆଦର୍ଶ ରୂପେ ଗ୍ରହଣ କରିବାକୁ ପଡ଼ିବ ।

ଉପରେ ଯେଉଁ ଆୟତ୍‌ର ମୁଁ ଆବୃତ୍ତି କରି ଆସିଲି ତହିଁରେ ଅଲ୍ଲାଃତାଲା ମସ୍‌ଜିଦ୍ ସହିତ ସଂଶ୍ଳିଷ୍ଟକାରୀ ବ୍ୟକ୍ତିଙ୍କ ଉପରେ କେତେକ ଦାୟିତ୍ୱ ମଧ୍ୟ ନ୍ୟସ୍ତ କରିଛନ୍ତି । ସେହି ଦାୟିତ୍ୱାବଳୀଗୁଡ଼ିକ ମଧ୍ୟରୁ ପ୍ରଥମ ଦାୟିତ୍ୱଟି ହେଲା ନ୍ୟାୟ

ଆଚରଣ କରିବା । ଅର୍ଥାତ ମସ୍‌ଜିଦ୍‌କୁ ଆସୁଥିବା ଉପାସନାକାରୀଙ୍କୁ ସର୍ବ ପ୍ରଥମେ ଏହି ଉପଦେଶ ଦେଲେ ଯେ, ଭକ୍ତଙ୍କର କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ ଆଗେଇ ଆସିବା ଉଚିତ । ପ୍ରଥମ ଦାୟିତ୍ୱ ଅନ୍ତର୍ଗତ । ଯଦି କୌଣସି ବ୍ୟକ୍ତି ନିଜ ଘରେ ସ୍ତ୍ରୀ ଓ ପିଲା ଛୁଆଙ୍କ ସହିତ ସଦବ୍ୟବହାର ପ୍ରଦର୍ଶନ କରୁ ନାହିଁ ତେବେ ଏଭଳି ବ୍ୟକ୍ତିର ଜମାଅତ୍ ପାଇଁ କାର୍ଯ୍ୟ କରିବା ଏବଂ ତା'ର ଉପାସନା ନିରର୍ଥକ ସାବ୍ୟସ୍ତ । କୌଣସ୍ୟ ବ୍ୟକ୍ତିକୁ ଏହି କଥା ଉପରେ ଗର୍ବ କରିବାର ଆବଶ୍ୟକତା ନାହିଁ ଯେ, ସେ ନିଜ ମନରେ ଏହା ଭାବିବ କି ମୁଁ ବହୁତ ନମାଜ ପଢୁଛି ଓ ଜମାଅତ୍‌ର କାର୍ଯ୍ୟ ମଧ୍ୟ କରୁଛି। ତେଣୁ ଏଭଳି ବ୍ୟକ୍ତିଙ୍କ ସଂପର୍କରେ ଆଁହଜରତ ସ.ଅ କହିଲେ; **ଯେଉଁ ବ୍ୟକ୍ତି ଭକ୍ତଙ୍କ କର୍ତ୍ତବ୍ୟ ଓ ଅଧିକାର ସମ୍ପଦାନ କରୁ ନାହିଁ ତେବେ ସେ ଅଲ୍ଲାଃତାଲାଙ୍କର ମଧ୍ୟ କର୍ତ୍ତବ୍ୟ ସମ୍ପାଦନ କରୁ ନାହିଁ ।**

ଅଲ୍ଲାଃତାଲା ପୁନଶ୍ଚ କହନ୍ତି ଯେ ତୁମେମାନେ ଯଦି ଅଲ୍ଲାଃତାଲାଙ୍କ ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ ନହୁଅ, ନିଷ୍ପାପର ହୋଇ ଧର୍ମକୁ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତି ଉଦ୍ଦେଶ୍ୟରେ ନିଜର ଅବସ୍ଥାରେ ପରିବର୍ତ୍ତନ ନକର ତେବେ ଶୈତାନ ତୁମ ଉପରେ ନିଜର ଦୟା ବିସ୍ତାର କରିନେବ। । ଆଜିକାଲି ଏହି ସାଂସାରିକ ପରିବେଶରେ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ହୁଜୁର ଅନୱର୍ ଅ.ବ କହିଲେ; ମୁସଲମାନମାନଙ୍କ ଅଧଃପତନ ସେତେବେଳେ ହେଲା ଯେତେବେଳେ ମୁସଲମାନମାନେ ନ୍ୟାୟକୁ ପରିତ୍ୟାଗ କରି ନିଜର ଉପାସନାକୁ କେବଳ ଲୋକ ଦେଖାଣିଆ କରିନେଲେ । ମୁସଲମାନମାନେ ମସ୍‌ଜିଦ୍‌ର କାଶ୍ୟମୂଳକ ସୌନ୍ଦର୍ଯ୍ୟତା ଉପରେ ଅଧିକ ଗୁରୁତ୍ୱ ଦେଲେ ଏବଂ ଉପାସନାର ଅସଲ ଆତ୍ମାକୁ ପାସୋରି ବସିଲେ । ହ. ମସିହ୍ ମଉଦ୍ ଅ.ସ କହନ୍ତି ଯେ, ଆଭ୍ୟନ୍ତରୀଣ ଭାବରେ ଦେଖିବାକୁ ଗଲେ ଇସ୍‌ଲାମ୍‌ର ଅବସ୍ଥା ଅତ୍ୟନ୍ତ ଦୁର୍ବଳ ତଥା ଦୟନୀୟ ହୋଇଯାଇଛି ଏବଂ ବାହ୍ୟ ଆକ୍ରମଣକାରୀମାନେ ଏହା ଚାହୁଁଛନ୍ତି ଯେ, ସେମାନେ ଇସ୍‌ଲାମ୍ ଧର୍ମକୁ ଧ୍ୱଂସ ତଥା ସମାପ୍ତ କରିଦେବେ । ସେମାନଙ୍କ ଦୃଷ୍ଟିରେ ମୁସଲମାନମାନେ ଘୁଷୁରି ଏବଂ କୁକୁର ଠାରୁ ମଧ୍ୟ ହୀନ ତଥା ନିକୃଷ୍ଟ ଅଟନ୍ତି । ବର୍ତ୍ତମାନ ଅଲ୍ଲାଃତାଲାଙ୍କ ପୁସ୍ତକ ବ୍ୟତୀତ ଏବଂ ତାଙ୍କର ସମର୍ଥନ ତଥା ତାହାଙ୍କ ଜ୍ୱଳନ୍ତ ନିଦର୍ଶନ ବ୍ୟତୀତ ସେହି ବିରୋଧୀ ଗୋଷ୍ଠୀଙ୍କ ମୁକାବିଲା ସମ୍ଭବପର ନୁହଁ । ଏହି ଉଦ୍ଦେଶ୍ୟ ରଖି ଅଲ୍ଲାଃତାଲାଙ୍କ କୃପାକୁ ସାଉଁଟିବା ପାଇଁ ଓ ତାହାଙ୍କ ଆଗେ ନତମସ୍ତକ ହୋଇ ଆମମାନଙ୍କୁ ସଂସାରର ମାର୍ଗଦର୍ଶନର କାର୍ଯ୍ୟ ସମ୍ପାଦନ କରିବାକୁ ହେବ । ହୁଜୁର ଅନୱର ଅ.ବ କହିଲେ, ଆମେମାନେ ହିଁ ସେହି ଗୋଷ୍ଠୀ ଯେକି ଇସ୍‌ଲାମ୍ ଧର୍ମର ହଜି ଯାଇଥିବା ସେହି ସମ୍ମାନ ଓ ଗୌରବକୁ ପୁନର୍ବାର ଫେରାଇ ଆଣିବୁ । ତେଣୁ ଆମମାନଙ୍କୁ ପୂର୍ଣ୍ଣ ଆତ୍ମବିଶ୍ୱାସର ସହିତ ଓ ଅଲ୍ଲାଃତାଲାଙ୍କ ଆଦେଶାବଳୀଗୁଡ଼ିକ ଉପରେ ପରିଚାଳିତ ହୋଇ ସଂସାରର ମାର୍ଗଦର୍ଶନର କାର୍ଯ୍ୟ କରିବାକୁ ହେବ । କାରଣ ଆମେମାନେ ହ. ମସିହ୍ ମଉଦ୍ ଅ.ସଙ୍କ ଅନୁଗାମୀ ଯିଏ ସଂସାରବାସୀଙ୍କୁ ଜୀବନ୍ୟାସ ଦେବା ପାଇଁ ଆଁହଜରତ ସ.ଅଙ୍କ ଶିକ୍ଷାକୁ ପୃଥିବୀରେ ପ୍ରସାରିତ କରିବାକୁ ଆସିଛନ୍ତି । ବର୍ତ୍ତମାନ ଏହି ଶିକ୍ଷା ଉପରେ ପରିଚାଳିତ ହେବା ବ୍ୟତୀତ ନିସ୍ତାର ତଥା ମୋକ୍ଷ ପ୍ରାପ୍ତି ସମ୍ଭବପର ନୁହେଁ । ଶେଷ ଦିବସରେ ମନୁଷ୍ୟ ଯଦି ଶୂନ୍ୟ ହସ୍ତ ହୋଇଯାଏ ତେବେ ତା'କୁ ଅଲ୍ଲାଃତାଲାଙ୍କ ଅପ୍ରସନ୍ନତାର ସମ୍ମୁଖୀନ ହେବାକୁ ପଡ଼ିବ ଏବଂ ପୁନଶ୍ଚ ଅଲ୍ଲାଃତାଲା ଆମମାନଙ୍କ ପ୍ରତି କେଉଁ ପ୍ରକାର ଆଚରଣ ପ୍ରଦର୍ଶନ କରିବେ ତାହା ତାଙ୍କୁ ହିଁ ଭଲ ଭାବରେ ଜଣା ।

ହୁଜୁର ଅନୱର୍ ଅ.ବ କହିଲେ ଯେ, ଆମମାନଙ୍କୁ ଏକଥା ମନେରଖିବା ଉଚିତ୍ ଯେ ଆମେମାନେ ଯେତେବେଳେ ସଂସାରବାସୀଙ୍କୁ ଏହାର ବିସ୍ତୃତ ବିବରଣୀ ଦ୍ୱାରା ସଚେତନ କରାଇବୁ ତେବେ ଆମର ପ୍ରତ୍ୟେକ କଥନ ଓ କର୍ମ ମଧ୍ୟ ସେହି ଶିକ୍ଷାନୁଯାୟୀ ହେବା ଉଚିତ । ଆମର ଉପାସନାଗୁଡ଼ିକୁ ଏବଂ ଭକ୍ତଙ୍କର କର୍ତ୍ତବ୍ୟ ସମ୍ପାଦନର ସ୍ତରକୁ ମଧ୍ୟ ଉଚ୍ଚତର କରିବାକୁ ହେବ । ହ. ମସିହ୍ ମଉଦ୍ ଅ.ସ କହିଲେ ଯେ, ବର୍ତ୍ତମାନ ଇସ୍‌ଲାମ୍ ଯାହାକୁ କୁହାଯାଏ ତହିଁରେ ଅନେକ ବ୍ୟତୀକ୍ରମ ପରିଲକ୍ଷିତ ହୋଇଛି । ସର୍ବୋଚ୍ଚ ଚାରିତ୍ରିକ ସ୍ତରର କୌଣସି ସ୍ଥିତି ଆଉ ରହି ନାହିଁ । ଅଲ୍ଲାଃତାଲାଙ୍କ ସହିତ ବିଶ୍ୱସ୍ତତା ଏବଂ ପ୍ରେମର ସଂପର୍କ ନିଶ୍ଚିହ୍ନ ହୋଇଯାଇଛି । ବର୍ତ୍ତମାନ ଅଲ୍ଲାଃତାଲା ଏହା ଇଚ୍ଛା ପ୍ରକାଶ କରିଛନ୍ତି ଯେ, ସେ ଏହାକୁ ନୂତନ ରୂପେ ଜୀବିତ କରିବେ । ଇସ୍‌ଲାମ୍ ଧର୍ମର ଏଭଳି ଦୁର୍ଦ୍ଦଶାକୁ ନିଜର ସମ୍ପର୍କ ଯୋଡ଼ି ସୁଧାରିବା ନିମନ୍ତେ ଆମେମାନେ ଅଲ୍ଲାଃତାଲାଙ୍କ ଦ୍ୱାରା ପ୍ରେରିତ ଅବତାରଙ୍କ ସହିତ ସଂଶ୍ଳିଷ୍ଟ ହୋଇଛେ । ଆଜି ଆମେମାନେ ହିଁ ସେହି ବ୍ୟକ୍ତି ଯେକି ଅଲ୍ଲାତାଲାଙ୍କ ସହିତ ବିଶ୍ୱସ୍ତତାର ବନ୍ଧନ ବାନ୍ଧିଛେ ଏବଂ ନିଷ୍ଠାର ସହିତ ଅଲ୍ଲାଃତାଲାଙ୍କ ପ୍ରତି ବିଶ୍ୱସ୍ତତାକୁ ପୂରଣ କରୁଅଛେ ।

ହୁଜୁର ଅନୱର୍ ଅ.ବ କହିଲେ; ଅଲ୍ଲାଃତାଲାଙ୍କ ଉପରେ ପୂର୍ଣ୍ଣ ରୂପେ ଆସ୍ଥା ରଖିବା ଉଚିତ । କାରଣ ସେ ହିଁ ପ୍ରତ୍ୟେକ କାର୍ଯ୍ୟକୁ ସହଜ ଓ ସରଳ କରିଦିଅନ୍ତି । ତେଣୁ ସେହି ଦୃଷ୍ଟିରୁ ଦେଖିଲେ ବର୍ତ୍ତମାନ ଇସଲାମ୍ ଧର୍ମ ହିଁ ଏକମାତ୍ର ଧର୍ମ ଯେକି ଏହି ପୃଥିବୀରେ ବିସ୍ତାର ଲାଭ କରିବ । ଏଥିପାଇଁ ଆମମାନଙ୍କୁ ନିଜର ସକଳ ସାମର୍ଥ୍ୟ ତଥା ଶକ୍ତିକୁ ବିନିଯୋଗ କରିବା ଉଚିତ ଏବଂ ହ. ମସିହ୍ ମଉଦ୍ ଅ.ସଙ୍କ ସହାୟକ ସେନାପତି ହୋଇ ଉକ୍ତ କାର୍ଯ୍ୟ ସମ୍ପାଦନ କରିବା ଉଚିତ । ଅଲ୍ଲାଃତାଲା ହ. ମସିହ୍ ମଉଦ୍ ଅ.ସଙ୍କ ସହିତ ଯେଉଁ ପ୍ରତିଶୃତି କରିଛନ୍ତି ତାହା ଅବଶ୍ୟ ପୂର୍ଣ୍ଣ ହେବ । ଯଦି ଆମେମାନେ ତାଙ୍କର ସହାୟକ ନହେବୁ ତେବେ ଅଲ୍ଲାଃତାଲାଙ୍କର କୃପାକୁ ପ୍ରାପ୍ତକାରୀ ବ୍ୟକ୍ତି ରୂପେ ବିବେଚିତ ହୋଇପାରିବା ନାହିଁ । ଆମେମାନେ ଯଦି ଆଗକୁ ଅଗ୍ରସର ନହେଉ ତେବେ ଅଲ୍ଲାଃତାଲା ଅନ୍ୟ ଲୋକମାନଙ୍କୁ ନିଜର କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ପ୍ରେରଣ କରିଦେବେ । କାରଣ କାର୍ଯ୍ୟ ତ' ସୁନିଶ୍ଚିତ ରୂପେ ସମ୍ପାଦନ ହେବ । ଅତଃ ଆମମାନଙ୍କୁ ନିଜର ଅବସ୍ଥାକୁ ଓ ଦୋଷ ଦୁର୍ବଳତାକୁ ଦୂର କରିବା ପ୍ରତି ବିଶେଷ ରୂପେ ଧ୍ୟାନ ଦେବାକୁ ହେବ । ହୁଜୁର୍ ଅନୱର୍ ଅ.ବ କହିଲେ ଯେ, ହ. ମସିହ୍ ମଉଦ୍ ଅ.ସ କହନ୍ତି ଯେ, ବର୍ତ୍ତମାନ ଏହି ଯୁଗରେ ଲୋକ ଦେଖାଣିଆ, ଗର୍ବ, ଅହଂକାର ଏବଂ ମୁହଁ ଫୁଟାଣିଆ ଭାବ ଆଦି ପ୍ରସାର ଲାଭ କରିଛି ଏବଂ ଅଲ୍ଲାଃତାଲାଙ୍କ ଉତ୍ତମ ନାମର ଚର୍ଚ୍ଚା ନିଶ୍ଚିହ୍ନ ହୋଇଯାଇଛି । ବିଶ୍ୱାସ, ଭରସା ଏବଂ ଯୋଜନା ଆଦି ବିଲୁପ୍ତ ହୋଇଯାଇଛି । କିନ୍ତୁ ବର୍ତ୍ତମାନ ଅଲ୍ଲାଃତାଲା ଏହା ଇଚ୍ଛା ପ୍ରକାଶ କରିଛନ୍ତି ଯେ, ସେହି ସମସ୍ତ କଥାବସ୍ତୁର ଏକ ବୀଜ ବପନ କରିବେ । ଅତଏବ ଆମମାନଙ୍କୁ ନିଜର ଆତ୍ମ ସମୀକ୍ଷା କରିବା ଉଚିତ ଯେ, ଆମେମାନେ ହ. ମସିହ୍ ମଉଦ୍ ଅ.ସଙ୍କ ସେହି ମିଶନକୁ ପୂର୍ଣ୍ଣ କରିବା ପାଇଁ, ପୁଣ୍ୟକୁ ଆପଣାଇବା ପାଇଁ, ନିଜ ଉପାସନାର ସ୍ତରକୁ ଅଭିବୃଦ୍ଧି କରିବା ପାଇଁ ଓ ଅଲ୍ଲାଃତାଲାଙ୍କ କୃପାକୁ ସାଉଁଟି ତାଙ୍କର ଅନୁଗ୍ରହତାକୁ ପ୍ରାପ୍ତ କରିବା ପାଇଁ ଭରପୁର ଉଦ୍ୟମ କରୁଛେ କି ? ଯଦି ଆମେ ଏହି ସବୁ କାର୍ଯ୍ୟ ନିଷ୍ଠାପୂର୍ଣ୍ଣ ଉପାସନାର ସହିତ କରୁ ନାହୁଁ ତେବେ ସେହି ସମସ୍ତ କଥାର ଫଳ ପ୍ରାପ୍ତିର ଆଶା ରଖିବା ନିରର୍ଥକ ଅଟେ । ଅତଏବ ଆମମାନଙ୍କୁ ନିଜର ଗଭୀର ଭାବରେ ସମୀକ୍ଷା କରିବାକୁ ହେବ, ଇସ୍ତିଗଫାର୍ (ଅଲ୍ଲାଃତାଲାଙ୍କ ନିକେଟରେ କ୍ଷମା ଯାଚନା କରିବା) ଓ ନିଜର କର୍ମକୁ ଅହରହ ଭାବରେ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତି ଅଧୀନ ଆଣିବାର ଆବଶ୍ୟକତା ରହିଛି । ହ. ମସିହ୍ ମଉଦ୍ ଅ.ସ କହିଲେ; କର୍ମ ପାଇଁ ନିଷ୍ଠାପୂର୍ଣ୍ଣ ମନୋବୃତ୍ତିର ସର୍ତ୍ତ ରହିଛି । ଏହି ନିଷ୍ଠା ସେହି ଲୋକମାନଙ୍କ ଠାରେ ବିଦ୍ୟମାନ ଥାଏ ଯେଉଁମାନେ ସନ୍ଥ ଅଟନ୍ତି । ଅତଏବ ମନେରଖ ଯେ, **ଯେଉଁ ବ୍ୟକ୍ତି ପ୍ରଭୁଙ୍କର ହୋଇଯାଏ ପ୍ରଭୁ ମଧ୍ୟ ତା'ର ହୋଇଯାଆନ୍ତି । ଅତଏବ ଏହି କୌଶଳକୁ ଆପଣାଇବାର ଆବଶ୍ୟକତା ରହିଛି** । ହୁଜୁର ଅନୱର୍ ଅ.ବ କହିଲେ ଅଲ୍ଲାଃତାଲା ଅଶେଷ ଦୟାବାନ ଯେ, ଆମମାନଙ୍କ ଦୋଷ କରିବା ସତ୍ତ୍ୱେ ସେ ଆମମାନଙ୍କୁ ସମ୍ମାନିତ କରିଥାଆନ୍ତି ।

ହୁଜୁର ଅନୱର୍ ଅ.ବ କହିଲେ; ଆପଣମାନେ ମସଜିଦ୍ ନିର୍ମାଣ କରି ତା'ର ସଠିକ୍ ଦାୟିତ୍ୱ ନିର୍ବାହ କରନ୍ତୁ । ନିଷ୍ଠାପର ହୋଇ ମସଜିଦରେ ଉପାସନା କରିବା ପଇଁ ଆସନ୍ତୁ । ନିୟମିତ ରୂପେ ଅତି ଧ୍ୟାନପୂର୍ବକ ନିଜର ନମାଜଗୁଡ଼ିକର ସୁରକ୍ଷା କରିବାକୁ ପଡ଼ିବ । ଏହା ସେତେବେଳେ ସମ୍ଭବପର ହେବ ଯେତେବେଳେ ଅଲ୍ଲାଃତାଲାଙ୍କ ସହିତ ପ୍ରେମ ସମ୍ପର୍କ ସ୍ଥାପନ କରି ଏଭଳି ବ୍ୟକ୍ତିଗତ ପ୍ରେମ ସ୍ଥାପନ କରିବ ଯାହା ଅନ୍ୟ କାହା ସହିତ ନଥିବ ଏବଂ ଏହିଭଳି ପ୍ରେମ ହିଁ ଏକ ବିପ୍ଳବ ଆଣିଥାଏ । ଯେଉଁ ବ୍ୟକ୍ତିମାନେ ଟିକିଏ ଦୁଆ କରି କ୍ଳାନ୍ତ ହୋଇ ପଡ଼ନ୍ତି ଏବଂ ଯେଉଁମାନେ ଅଲ୍ଲାଃତାଲାଙ୍କ ସହିତ ସଂପର୍କ ଯୋଡ଼ିବାକୁ ଇଚ୍ଛୁକ ଅଟନ୍ତି ସେମାନେ ଏହିସବୁ କଥା ଉପରେ ବିଚାର କରିବା ଉଚିତ । ଅତଏବ କେବଳ ଆବଶ୍ୟକ ସମୟରେ ଅଲ୍ଲାତାଲାଙ୍କ ନିକଟରେ ମାନସିକ କରିବା ପାଇଁ ଯାଆନ୍ତୁ ନାହିଁ। ବରଂ ଅଲ୍ଲାଃତାଲାଙ୍କ ସହିତ ବ୍ୟକ୍ତିଗତ ସଂପର୍କ ସ୍ଥାପନ କରନ୍ତୁ ତେବେ ଯାଇ ଅଲ୍ଲାଃତାଲା ଏଭଳି ବ୍ୟକ୍ତିଙ୍କୁ ଭଲ ପାଇବେ । ସୁତରାଂ ଯେତେବେଳେ ଏହି ଦୁଇ ପ୍ରେମ ପରସ୍ପର ସହିତ ମିଶିଯାଏ ସେତେବେଳେ ଅଲ୍ଲାଃତାଲାଙ୍କ ଏଭଳି କୃପା ବୃଷ୍ଟି ହୋଇଥାଏ ଯାହାକି ମନୁଷ୍ୟର ଚିନ୍ତା ଚେତନା ଠାରୁ ଉର୍ଦ୍ଧ୍ୱ ଅଟେ । ହୁଜୁର ଅନୱର ଅ.ବ କହିଲେ; ଯେଉଁ ଲୋକମାନେ ନିଜର ପ୍ରକୃତ ଏବଂ ସ୍ୱଭାବିକ ସ୍ୱାର୍ଥକୁ ପରିତ୍ୟାଗ କରି ଜୀବଜନ୍ତୁଙ୍କ ପରି ଖାଇବା ପିଇବା ଏବଂ ଶୋଇ ରହିବା ହିଁ ଜୀବନର ଲକ୍ଷ୍ୟ ବୋଲି ଭାବନ୍ତି ସେହିମାନେ ହିଁ ଈଶ୍ୱର ଠାରୁ ଦୂରେଇ ଯାଆନ୍ତି । ଅତଏବ ଜଣେ ଦାୟିତ୍ୱବାନ ଜୀବନ ଏହିକି ଯେ, ଈଶ୍ୱର ଉପାସନାକୁ ନିଜର ପରମ ଧର୍ମ ଏବଂ ପରମ କର୍ତ୍ତବ୍ୟ ରୂପେ ବାଛି ନେବା ଉଚିତ । କାରଣ ଜୀବନର କୌଣସି ଭରସା ନାହିଁ । ମୃତ୍ୟୁ ଯେକୌଣସି ସମୟରେ ଆସି ପହଞ୍ଚିଯିବ । ହ. ମସିହ୍ ମଉଦ୍ ଅ.ସ କହନ୍ତି ଯେ, **ଏକଥାକୁ ବୁଝି ନିଅ ଯେ, ଅଲ୍ଲାଃତାଲାଙ୍କ ଉପାସନା କରିବା ହିଁ ଆମର ଅଭିପ୍ରାୟ ହେବା ଉଚିତ** । ସଂସାର ପ୍ରାପ୍ତି

ତୁମର ଅଭିପ୍ରାୟ ନହେଉ । ସନ୍ନ୍ୟାସୀ ହେବା ଇସଲାମ୍ ଧର୍ମର ଉଦ୍ଦେଶ୍ୟ ନୁହେଁ । ତୁମେମାନେ ଯେଉଁ ଏହି ସମସ୍ତ ବ୍ୟାପାର କରୁଛ ତହିଁରେ ଅଲ୍ଲାଃତାଲାଙ୍କର ପ୍ରସନ୍ନତା ପ୍ରାପ୍ତି ସାର ହେବା ଉଚିତ । ଅତଏବ ଏହା ଅତ୍ୟନ୍ତ ଚିନ୍ତାଜନକ ବିଷୟ ଯେ, ଆମେମାନେ ହ. ମସିହ୍ ମଉଦ୍ ଅ.ସଙ୍କ ବୈଅତର ଅଧୀନ ହେବାର ଦାବି କରି ନିଜ ଜୀବନର ଅଭିପ୍ରାୟକୁ ଭୁଲି ବସିବା ତେବେ ଏପରି ସ୍ଥଳେ ଆମମାନଙ୍କର ବୈଅତ୍ କରିବା ନିରର୍ଥକ ଓ ନିଷ୍ଫଳ ହୋଇଯିବ । ଅତଏବ ପ୍ରତ୍ୟେକ ଅହେମଦିକୁ ଏହା ଉପରେ ଗଭୀର ଅନୁଧ୍ୟାନ କରିବା ଉଚିତ । ଆପଣମାନେ ନିଜର ଆତ୍ମ ସମୀକ୍ଷା କରନ୍ତୁ ଏବଂ ଦେଖନ୍ତୁ ଯେ, ସାରା ଦିନ ଆପଣ କେତେ ମିନିଟ୍ ଅଲ୍ଲାଃତାଲାଙ୍କର ଉପାସନା ପାଇଁ ସମୟ ଦେଉଛନ୍ତି । ତେଣୁ ଆପଣମାନେ ନିଜ ଜୀବନର ଅଭିପ୍ରାୟକୁ କଦାପି ଭୁଲନ୍ତୁ ନାହିଁ । ଯଦି ଆମେମାନେ ଏହି ସମସ୍ତ କଥାକୁ ପାସୋରି ବସୁ ତେବେ ଆମମାନଙ୍କର ବୈଅତ୍ କରିବା ମୂଲ୍ୟହୀନ ହୋଇଯିବ ।

ହୁଜୁର ଅନୱର୍ ଅ.ବ କହିଲେ; ଆଜି କାଲି ଏହି ଅତ୍ୟାଧୁନିକ ଯୁଗରେ ପାଞ୍ଚବେଳା ନମାଜ ନପଢିବାର ଯେଉଁ ଦୁର୍ବଳତା ଏବଂ ଅକ୍ଷମତା ପ୍ରକାଶ କରୁଛନ୍ତି ସେମାନଙ୍କ ମତରେ ଏହା ସମୟର ଅପଚୟ ଏବଂ ଏହି ଅପଚୟ ଅଲ୍ଲାଃତାଲାଙ୍କ ଠାରୁ ଦୂରେଇ ଦେଇଥାଏ । ଏହିପରି ଭାବରେ କହିଲେ; ମୁସଲମାନ ହେବା ଏବଂ ଅହେମଦି ହେବାର ଆମର କଥିତ ଦାବି ରହିଛି ତାହା ଉପରେ କୌଣସି କାର୍ଯ୍ୟାନୁରଣ ନହେବା ଫଳରେ ତାହା କେବଳ ଦାବି ହିଁ ରହିଯିବ । ପ୍ରକୃତ ବିଶ୍ୱାସକାରୀ ଧର୍ମକୁ ସାଂସାରିକତା ଉପରେ ପ୍ରାଧାନ୍ୟ ଦେଇଥାଏ । ଫଳତଃ ଅଲ୍ଲାଃତାଲା ତା' ପାଇଁ ରୋଜଗାରର ବାଟ ଫିଟାଇ ଦେଇଥାଆନ୍ତି । ଯେଉଁମାନେ ଏପରି କରନ୍ତି ନାହିଁ ସେମାନଙ୍କ ଶରୀରରେ ସାଂସାରିକ ଅଭିଳାଷା ତଥା ମୋହମାୟାର ଅଗ୍ନୀ ସଂଯୋଗ ହୋଇଥାଏ ଏବଂ ସେମାନଙ୍କର ଏହି ସାଂସାରିକ ମୋହମାୟା, ବନ୍ଧନର ଅଗ୍ନୀ ଲିଭି ନଥାଏ । ଫଳତଃ ସେହି ନିଆଁ ଶେଷରେ ମନୁଷ୍ୟକୁ ଭସ୍ମୀଭୂତ କରି ଦେଇଥାଏ । ଅଲ୍ଲାଃତାଲାଙ୍କର ମସଜିଦଗୁଡ଼ିକୁ ସେହିମାନେ ହିଁ ଉପାସନା ପୂର୍ଣ୍ଣ ରଖନ୍ତି ଯେଉଁମାନେ ଅଲ୍ଲାଃତାଲା ଓ ଶେଷ ଦିବସ ଉପରେ ବିଶ୍ୱାସ ରଖନ୍ତି ଏବଂ ଗୋଟିଏ ନମାଜ ଶେଷ ହେବା ପରେ ଅନ୍ୟ ନମାଜ ସମ୍ପାଦନ କରିବା ପ୍ରତି ଚିନ୍ତିତ ଥାଆନ୍ତି ଓ ଅପେକ୍ଷା କରିଥାଆନ୍ତି । ଏହା ହିଁ ସେହି ପନ୍ଥା ଯାହା ମସଜିଦକୁ ଉପାସନାକାରୀଙ୍କ ଦ୍ୱାରା ପରିପୂର୍ଣ୍ଣ ରଖିଥାଏ, ନିଜର ବଂଶଧରମାନଙ୍କର ସଂସ୍କାରର ମାଧ୍ୟମ ଏବଂ ଏହି ଯୁଗର ଅପକାରିତା ଠାରୁ ସୁରକ୍ଷିତ ରଖିଥାଏ ।

ହୁଜୁର ଅନୱର୍ ଅ.ବ କହିଲେ, ଏହି ମସଜିଦର ଶୁଭୋଦଘାଟନ ଫଳରେ ବର୍ତ୍ତମାନ ଅତିରିକ୍ତ ମାର୍ଗ ଫିଟିଯିବ । ତେଣୁ ସେହି ସୁଯୋଗରୁ ଭରପୁର ଲାଭବାନ ହୁଅନ୍ତୁ ଏବଂ ମସଜିଦକୁ ଉପାସନାକାରୀଙ୍କ ଦ୍ୱାରା ପରିପୂର୍ଣ୍ଣ ରଖିବା ପାଇଁ ଲୋକମାନଙ୍କୁ ଇସଲାମ୍ ଏବଂ ଅହେମଦିୟତର ବାର୍ତ୍ତା ଉପଲବ୍ଧ କରାନ୍ତୁ । ଯେପରିକି ହ. ମସିହ୍ ମଉଦ୍ ଅ.ସ କହିଲେ; ଯେଉଁଠି ମସଜିଦ୍ ସ୍ଥାପିତ ହୋଇଗଲା ସେଠାରେ ଇସଲାମ୍ ଧର୍ମର ଭିତ୍ତି ସ୍ଥାପନ ହୋଇଗଲା । ତେଣୁ ବର୍ତ୍ତମାନ ମସଜିଦ୍ ତ' ନିର୍ମାଣ ହୋଇଗଲା ଆପଣମାନେ ଏହାକୁ ଉପସାନକାରୀଙ୍କ ଦ୍ୱାରା ପରିପୂର୍ଣ୍ଣ ରଖିବା ପାଇଁ ଯତ୍ନବାନ ହୁଅନ୍ତୁ । ମସଜିଦ୍ କେବଳ ଉପାସନାକାରୀଙ୍କ ଉପସ୍ଥିତି ଦ୍ୱାରା ପୂର୍ଣ୍ଣ ହୋଇପାରିବ ନାହିଁ ବରଂ ନିଷ୍ଠା, ବିଶ୍ୱସ୍ତତା ଓ ନମାଜ ପାଠ କରିବା ଦ୍ୱାରା ହିଁ ସମ୍ଭବପର ହୋଇପାରିବ । ଖୁତବାର ଶେଷରେ ହୁଜୁର ଅନୱର୍ ଅ.ବ କହିଲେ; ଏହି ମସଜିଦର ନିର୍ମାଣକାରୀମାନଙ୍କୁ ଅଲ୍ଲାଃତାଲା ପ୍ରକୃତ ଉପାସନାକାରୀ ହେବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ଏହା ମାଧ୍ୟମରେ ଆମମାନଙ୍କୁ ନିଜର ଇହକାଳ ଓ ପରକାଳ ସୁଧାରିବା ପାଇଁ ସାମର୍ଥ୍ୟ ପ୍ରାପ୍ତ ହେଉ ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଈଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜକ୍ କରୁନା ଉଯ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜିକ୍‌ରୁଲ୍ଲାହି ଅକ୍‌ବର୍ ।**

....................................

KHULASA KHUTBA JUMA HUZOOR ANWAR a.b.a
7th Oct. 2022